**Series JBB/C** **SET-4**

**Code No. 14/C**

Roll No. [ ][ ][ ][ ][ ][ ][ ][ ]

Candidates must write the Code on the title page of the answer-book.

| | ନୋଟ | | NOTE |
|---|---|---|---|
| (I) | ପ୍ରଶ୍ନପତ୍ରଟି **8** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ । | (I) | Please check that this question paper contains **8** printed pages. |
| (II) | ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପୁସ୍ତିକା ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ । | (II) | Code number given on the right hand side of the question paper should be written on the title page of the answer-book by the candidate. |
| (III) | ପ୍ରଶ୍ନପତ୍ରରେ **11**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ । | (III) | Please check that this question paper contains **11** questions. |
| (IV) | ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ । | (IV) | Please write down the Serial Number of the question in the answer-book before attempting it. |
| (V) | ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ । | (V) | 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period. |

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* *Maximum Marks : 80*

ସୂଚ୍‌ନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 20

(ଘ) ସାହିତ୍ୟ – Literature – 35

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ **10 Marks**

1. ନିମ୍ନ ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ । *2×5=10*

ବ୍ୟକ୍ତି ଓ ସମାଜ ପରସ୍ପର ପରିପୂରକ । ସମାଜ ଭିତରେ ବ୍ୟକ୍ତି ନିଜର ସୁରକ୍ଷା ଖୋଜେ । ଅପର ପକ୍ଷରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ନେଇ ସମାଜ ବଳିଷ୍ଠ ହୁଏ କିନ୍ତୁ ଏଇ ସାମାଜିକ ବିଧିବ୍ୟବସ୍ଥା ଭିତରେ ଶୃଙ୍ଖଳା ନରହିଲେ ସାମାଜିକ ନିରାପତା ବିପନ୍ନ ହୁଏ । ସମାଜ ଗଠନର ଲକ୍ଷ୍ୟ ଚରିତାର୍ଥ ହୁଏନାହିଁ । ଆଦିମ ମାନବ ବଣ ଜଙ୍ଗଲରେ ବାସକରୁଥିବା ବେଳେ, ତାର ଆତ୍ମ ବଳ ହିଁ ଥିଲା ତା ସୁରକ୍ଷା କବଚ । କାଳକ୍ରମେ ସେ ଗୋଷ୍ଠୀ ଜୀବନ ଯାପନ କରିବାକୁ ଆଗ୍ରହ ପ୍ରକାଶ କଲା । ଏଥିରେ ସେ ସଫଳ ହେଲା । କ୍ରମଶଃ ସୃଷ୍ଟି ହେଲା ସମାଜ । ବ୍ୟକ୍ତି ଜୀବନରେ ଉନ୍ନତି–ଘଟିବା ସହିତ ସାମାଜିକ ଜୀବନର ମଧ୍ୟ ଉନ୍ନତି ଘଟିଲା । ଯୁଗପରେ ଯୁଗ ଅତିକ୍ରମ କରି ଆଜିର ମଣିଷ ସମାଜ ସଭ୍ୟତାର ସୁଉଚ୍ଚ ସୋପାନକୁ ସ୍ପର୍ଶ କରିପାରିଛି । ସଭ୍ୟତା ଏକ ପ୍ରବହମାନ ଧାରା । ତେଣୁ ଆହୁରି ଅନେକ ବିବର୍ତ୍ତନ ଦେଇ ଆମ ସଭ୍ୟତା ଗତି କରିବାର ସମ୍ଭାବନା ଅଛି । ଏହି ସମ୍ଭାବନା ପଛରେ ମଣିଷର ସ୍ୱପ୍ନ ଅଛି, ସାଧନା ଅଛି ଏବଂ ଅନାଗତ ଭବିଷ୍ୟତର ସମୀକ୍ଷା ବି ଅଛି । ସ୍ୱପ୍ନ, ସାଧନା ଓ ସମୀକ୍ଷା ହିଁ ପ୍ରଗତିର ଲକ୍ଷଣ । ପ୍ରତ୍ୟେକ ପରିକଳ୍ପନାରେ କିଛିଟା ସଂଦେହ ଥାଏ । ଏହା ନିରୁତ୍ସାହର ଦ୍ୟୋତକ ନୁହେଁ, ବରଂ ଆତ୍ମସମୀକ୍ଷାର ପୃଷ୍ଠଭୂମି ।

(କ) ବ୍ୟକ୍ତି ଓ ସମାଜ ପରସ୍ପର ପରିପୂରକ କିପରି ?

(ଖ) ସାମାଜିକ ନିରାପତା କାହିଁକି ବିପନ୍ନ ହୁଏ ?

(ଗ) ଆଦି ମାନବର ସୁରକ୍ଷା କବଚ କଣ ଥିଲା ?

(ଘ) ସଭ୍ୟତାକୁ ଏକ ପ୍ରବହମାନ ଧାରା ବୋଲି କୁହାଯାଇଛି କାହିଁକି ?

(ଙ) ପ୍ରଗତିର ଲକ୍ଷଣ କଣ ?

## 'ଖ' ବିଭାଗ 15 Marks

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । 8

(କ) ସମୟାନୁବର୍ତ୍ତିତା ।

(ଖ) ସାହିତ୍ୟ ଓ ସମାଜ ।

(ଗ) ପରିବେଶ ସୁରକ୍ଷା ।

**3.** 'ବୃକ୍ଷରୋପଣର ଆବଶ୍ୟକତା' ଶୀର୍ଷକ ଜନ ସଚେତନତା ଉଦ୍ଦେଶ୍ୟରେ ତୁମର ଏକ ଲେଖା ପ୍ରକାଶ କରିବାପାଇଁ କୌଣସି ସମ୍ବାଦ ପତ୍ରର ସମ୍ପାଦକଙ୍କ ପାଖକୁ ପତ୍ର ଲେଖ । 7

**କିମ୍ବା**

ଶବ୍ଦ ପ୍ରଦୂଷଣ ନକରିବାକୁ ଏକ ବାର୍ତ୍ତା ଦେଇ କୌଣସି ଦୈନିକ ସଂବାଦପତ୍ରର ସଂପାଦକଙ୍କ ପାଖକୁ ପତ୍ର ଲେଖ ।

(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)

## 'ଗ' ବିଭାଗ **20 Marks**

**4.** ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଲେଖ । *1×4=4*

(କ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର । (ଯେ କୌଣସି ***ଚାରୋଟି***)

(i) ବର୍ଷା ନହେବାରୁ କୃଷକମାନେ ନିରାଶ ହେଲେ । (ଜଟିଳ ବାକ୍ୟ)

(ii) ରମେଶ ମୋତେ ସାହାଯ୍ୟ କରିବାରୁ ମୁଁ ନଈ ପାରହେଲି । (ଯୌଗିକ ବାକ୍ୟ)

(iii) ସେ ଯଦି ମୋତେ କହିଥାନ୍ତା, ତାକୁ ମୁଁ ହସ୍ପିଟାଲ ନେଇଯାଇଥାନ୍ତି । (ସରଳ ବାକ୍ୟ)

(iv) ଯେତେବେଳେ ପର୍ବପର୍ବାଣି ହୁଏ, ସେତେବେଳେ ରାସ୍ତା ଜାମ୍ ହୁଏ । (ସରଳ ବାକ୍ୟ)

(v) ତୁମେ ଗୌରହରିଙ୍କୁ ଭେଟିଲେ ସେ ସବୁକଥା ବୁଝାଇ ଦେବେ । (ଜଟିଳ ବାକ୍ୟ)

(vi) ପାଣିରେ ବୁଡିଯାଉଥିବା ଲୋକଟି ଚିତ୍କାର କରିଥିଲେ ବି କେହି ଉଦ୍ଧାର କରିପାରି ନଥିଲେ । (ଯୌଗିକ ବାକ୍ୟ)

(ଖ) ଶୁଦ୍ଧକରି ଲେଖ । (ଯେ କୌଣସି ***ଚାରୋଟି***) *1×4=4*

(i) ଆବିସ୍କାର

(ii) ସୌଜନ୍ୟତା

(iii) ଭୌଗଳିକ

(iv) ନୀରୋଗୀ

(v) ଉଜ୍ଜ୍ୱଳମୟ

(vi) ନିରୁପଣ

(ଗ) ଲକ୍ଷଣ ଓ ଯତିପାତ ସହ ଯେ କୌଣସି ***ଗୋଟିଏ*** ଛନ୍ଦର ଉଦାହରଣ ଦିଅ । *4×1=4*

ନଟବାଣୀ, ରାମକେରୀ ।

(ଘ) ନିମ୍ନଲିଖିତ ରୂଢ଼ିଗୁଡ଼ିକୁ ବାକ୍ୟରେ ବ୍ୟବହାର କର । (ଯେ କୌଣସି ***ଚାରୋଟି***) *1×4=4*

(i) ଅଲଣା କଥା ।

(ii) କରଛଡ଼ା ।

(iii) ଗୋବର ଗଣେଶ ।

(iv) ଆଖି ରଖିବା ।

(v) କଟା ଘା'ରେ ଚୂନ ଦେବା ।

(vi) ଖିଅ କାଢ଼ିବା ।

(ଙ) ନିମ୍ନ ଅନୁଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର । *4*

The man closed his eyes and passed the place where the gold coins were kept. He did not get the wealth which was meant for him. He reached on the end point and thought the monk told him a lie. He decided to meet him again to clarify his doubts.

## 'ଘ' ବିଭାଗ **35 Marks**

**5.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *5×1=5*

(କ) ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା' ହୁଏନାହିଁ ।

(ଖ) ଭାରତୀୟ ଦର୍ଶନରେ, ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।

**6.** ଯେକୌଣସି ***ତିନୋଟି*** ପ୍ରଶ୍ନର ଉତ୍ତର ଲେଖ । *2×3=6*

(କ) ଗ୍ରାମର ନବାଗତ ଶିଶୁମାନଙ୍କୁ ଦେଖି ଲେଖକ କଣ ଭାବିଛନ୍ତି ?

(ଖ) ଜୀବବିଜ୍ଞାନର ଚର୍ଚ୍ଚାରୁ କି ସନ୍ଧାନ ମିଳିଥାଏ ?

(ଗ) ଜନତାର ପ୍ରଥମ ପ୍ରୟୋଜନ କଣ ?

(ଘ) ସନ୍ନ୍ୟାସୀର କେଉଁ ଧର୍ମକୁ ବିବେକାନନ୍ଦ ବାଛି ନେଇଥିଲେ ?

(ଙ) ସବୁଜ ଗୋଷ୍ଠୀର ପାଂଚଜଣ କବିଙ୍କ ନାମ ଲେଖ ?

**7.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *1×4=4*

(କ) "ଏମାନେ ପୁଷ୍ପିତ ପଳାଶ ବନରେ ଦେଖନ୍ତି ବିଦ୍ରୋହର ବହ୍ନି" – କେଉଁମାନେ ?

(i) ରାଜନେତା

(ii) ଭୋକିଲା ଲୋକ

(iii) ଗ୍ରାମର ଅର୍ଦ୍ଧଶିକ୍ଷିତ ବେକାର ଯୁବକ

(iv) ଜମିଦାର

(ଖ) ଜଡ ବିଜ୍ଞାନ କେତେ ଭାଗରେ ବିଭକ୍ତ ?

(i) ତିନି ଭାଗରେ

(ii) ଦୁଇଭାଗରେ

(iii) ସାତ ଭାଗରେ

(iv) ଚାରି ଭାଗରେ

(ଗ) ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରେଇ ରଖିଛି ?

(i) କ୍ଷମତା

(ii) ଅର୍ଥ

(iii) ଉଚ୍ଚ ପଦବୀ

(iv) ଇଂରେଜି ଭାଷା

(ଘ) ତପସ୍ୱିନୀ କାବ୍ୟ କିଏ ରଚନା କରିଥିଲେ ?

(i) ଗଙ୍ଗାଧର

(ii) ମଧୁସୂଦନ

(iii) ଫକୀରମୋହନ

(iv) ରାଧାନାଥ

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *5×1=5*

(କ) ତୁହି ଦେବଭୂମି ତୁହି ବୀର ଭୂମି

ତୁହି ମୋ ଭାରତ ମାଆ ।

(ଖ) ଭାଗ୍ୟବତୀ ମୋତେ ସଂସାରେ

ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।

**9.** ଯେ କୌଣସି ***ତିନୋଟି*** ପ୍ରଶ୍ନର ଉତ୍ତର ଲେଖ । *2×3=6*

(କ) ପଂଚଭୂତ କହିଲେ କଣ ବୁଝ ?

(ଖ) ବରୁଣଙ୍କୁ ପ୍ରସନ୍ନ କରିବାପାଇଁ ରାମଚନ୍ଦ୍ର କଣ କଲେ ?

(ଗ) ହ୍ରଦର ମଧ୍ୟ ଭାଗରେ କାହାର ପ୍ରତିବିମ୍ବ ଦେଖାଯାଉଛି ?

(ଘ) ସୀତାଙ୍କୁ ଉଷା କିପରି ଅଭିନନ୍ଦନ କଲା ?

(ଙ) କେଉଁ ଠାରେ ଅମର ଗାନ ଗାଇବାକୁ କବି କହିଛନ୍ତି ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *1×4=4*

(କ) ମାନଗୋବିନ୍ଦ କିଏ ?

(i) ଶ୍ରୀକୃଷ୍ଣ

(ii) ଅର୍ଜୁନ

(iii) ଯୁଧିଷ୍ଠିର

(iv) ଦୁର୍ଯ୍ୟୋଧନ

(ଖ) ରାବଣର ଦୁଇ ଚରଙ୍କ ନାମ କଣ ?

(i) ମାୟା, ମୃଗ

(ii) ଶୁକ, ସାରଣ

(iii) ଅଙ୍ଗଦ, ବିଭୀଷଣ

(iv) ସୂର୍ପଣଖା, ମନ୍ଦୋଦରୀ

(ଗ) "ଗଲାଣି ତ ଗଲା କଥା ରେ ସଂଗୀତ" – ଏହି ଗୀତର ରଚୟିତା କିଏ ?

(i) କବିସୂର୍ଯ୍ୟ ବଳଦେବ ରଥ

(ii) ଉପେନ୍ଦ୍ର ଭଞ୍ଜ

(iii) ଗୋପାଳକୃଷ୍ଣ

(iv) ବନମାଳୀ

(ଘ) ଆମ ସୁଖ ଲାଗି ହସ କଥା କେଉଁଠାରେ ଭରି ରହିଛି ?

(i) ସଭାସମିତିରେ

(ii) ଭୋଜିଭାତରେ

(iii) ନଈସାଗରରେ

(iv) ହସକଥା ବହିରେ

**11.** ଯେ କୌଣସି ***ଗୋଟିଏ*** ପ୍ରଶ୍ନର ଉତ୍ତର ଲେଖ । *5×1=5*

(କ) ନଟବର କିପରି ପରମ ତୃପ୍ତିରେ ଆଖିବୁଜିଲେ ?

(ଖ) ସୁରସୁନ୍ଦରୀ ନାମକରଣର ଯଥାର୍ଥତା ପ୍ରତିପାଦନ କର ?

(ଗ) ଜୟଦେବ ଓ ମିଶ୍ର ବାବୁ ସପରିବାର ଭବାନୀପାଟଣା ଆସିଥିଲେ କାହିଁକି ?